بسم الله الرحمٰن الرحيم

**ଖୁତବା ଜୁମା ୧୦ ଏପ୍ରିଲ୍ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍, ଟେଲଫୋର୍ଡ୍**

***ଏହି ରୋଗ ଓ ଦୈବ୍ ଦୁର୍ବିପାକ ମନୁଷ୍ୟକୁ ସଚେତନ କରାଇବା ପାଇଁ ଆସୁଛି ଯେ, ତୁମେମାନେ ନିଜର ସୃଷ୍ଟିକର୍ତ୍ତାଙ୍କର କର୍ତ୍ତବ୍ୟ ସମ୍ପାଦନ କର ଓ ଅଲ୍ଲାଃତାଲାଙ୍କ ଜୀବଜଗତର ମଧ୍ୟ କର୍ତ୍ତବ୍ୟ ସମ୍ପାଦନ କର।***

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଆଜିକାଲି କରୋନା ସଂକ୍ରମଣ ଯୋଗୁଁ ସଂସାରରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି କି ଆପଣା ଓ ପର ସମସ୍ତଙ୍କୁ ଧରାଶାୟୀ କରିଦେଇଛି । କିଛି ଅହମଦିମାନେ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ଓ ସଂକ୍ରମିତ ହୋଇଛନ୍ତି । ସେ ଯାହାହେଉ ନା କାହିଁକି ଗୋଟିଏ ସମସ୍ୟା ସମଗ୍ର ସଂସାରକୁ ଘେରି ବସିଛି । ଜଣେ ମୁରବୀ ସାହେବ ମୋତେ ପତ୍ର ଲେଖିଲେ କି ବୁଝାପଡୁ ନାହିଁ ଯେ, କ'ଣ ଘଟି ଯାଉଛି ? ତାଙ୍କର କହିବା ଠିକ୍, ବାସ୍ତବ ପକ୍ଷରେ ଏହିପରି ପରିସ୍ଥିତିର ଆମେ ସମ୍ମୁଖୀନ ହୋଇଛେ ଯେ, କିଛି ଜଣାପଡୁ ନାହିଁ ଯେ, କ'ଣ ହୋଇଅଛି ସଂସାରକୁ । କିନ୍ତୁ ଅଲ୍ଲାଃତାଲା ପବିତ୍ର କୁରଆନରେ ଆଜିକାଲି ଅବସ୍ଥା ସମ୍ବନ୍ଧରେ ଏକ ନକ୍ସା ଅଙ୍କନ କରିଦେଇଛନ୍ତି – وَقَالَ الْإِنْسَانُ مَا لَهَا ଅର୍ଥାତ ମାନବ କହି ଉଠିବ ଯେ, ତାହାକୁ କ'ଣ ହୋଇଯାଇଛି । ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ଆଜିଠାରୁ ୧୦୦ ବର୍ଷ ପୂର୍ବେ ଅର୍ଥାତ ୧୯୨୦ ମସିହାରେ ଉପରୋକ୍ତ ଆୟତର ସଂକ୍ଷିପ୍ତ ବ୍ୟାଖ୍ୟା କରି କହିଲେ ଯେ, ପୂର୍ବେ ମହାମାରୀ, ଦୁର୍ଭିକ୍ଷ, ବନ୍ୟା ବାତ୍ୟା ଆଦି ବିପର୍ଯ୍ୟୟମାନ ଆସୁଥିଲା କିନ୍ତୁ ବର୍ତ୍ତମାନ ଏପରି ଯୁଗ ଯେ, ଦୈବଦୁର୍ବିପାକର ଦ୍ୱାର ଉନ୍ମୁକ୍ତ ହୋଇଯାଇଛି । ବିଗତ କିଛି ବର୍ଷ ହେଲା ମୁଁ ମଧ୍ୟ କହୁଅଛି ଯେ, ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ଆଗମନ ପରେ, ଯେତେବେଳେ ଆପଣ ସଂସାରବାସୀଙ୍କୁ ପ୍ରାକୃତିକ ଓ ଆକାଶୀୟ ବିପଦ ଆଦି ପ୍ରାକୃତିକ ବିପର୍ଯ୍ୟୟର ସଂଖ୍ୟା ଅତ୍ୟଧିକ ବଢିଯାଇଛି । ଏସବୁ ମାନବ ଜାତିକୁ ସତର୍କ କରିବା ପାଇଁ ଚାଲି ଆସୁଛି କି ତୁମେ ନିଜ ସୃଷ୍ଟିକର୍ତ୍ତାଙ୍କ କର୍ତ୍ତବ୍ୟ ସମ୍ପାଦନ କର ଏବଂ ତାଙ୍କ ସୃଷ୍ଟିର ଓ ଭକ୍ତଙ୍କର ମଧ୍ୟ କର୍ତ୍ତବ୍ୟ ସମ୍ପାଦନ କର । ଅତଏବ ଏପରି ଅବସ୍ଥାରେ ଆମ ସମସ୍ତଙ୍କୁ ଅଲ୍ଲାଃତାଲାଙ୍କର ଅଧିକରୁ ଅଧିକ ଶରଣାଗତ ହୋଇ ତାଙ୍କ ନିକଟରେ ନତ ମସ୍ତକ ହେବା ସହିତ ସଂସାରବାସୀଙ୍କୁ ସତର୍କ କରିବା ଉଚିତ୍ । କେତେକ ରୋଗ ଓ ସଂକ୍ରମଣ ଅବା ଝଡ଼ବାତ୍ୟା ଏପରି କି ଯେତେବେଳେ ସଂସାରକୁ ମାଡ଼ିଆସେ ସେତେବେଳେ ସମଗ୍ର ବିଶ୍ୱବାସୀଙ୍କୁ ପ୍ରଭାବିତ କରିଥାଏ । ହଜ଼ରତ ମୁସଲେହ୍ ମଉଦ୍ ର.ଅ କୁହନ୍ତି – ଠିକ୍ ଅଛି କେତେକ ବିପତ୍ତି ସହ ଆମର କୌଣସି ସଂପର୍କ ନଥାଏ କିନ୍ତୁ ଯେତେବେଳେ ଆମେ ଏ ପୃଥିବୀରେ ବାସ କରୁଅଛେ ସେତେବେଳେ ଅନେକ ମାମଲାରେ ଉଦାହରଣ ସ୍ୱରୂପ ମହାମାରୀ ହେଲା, ଦୁର୍ଭିକ୍ଷ ହେଲା ସେଥିରୁ ଆମକୁ ମଧ୍ୟ ଏକ ସୀମା ପର୍ଯ୍ୟନ୍ତ ଭାଗ ନେବାକୁ ପଡ଼ିଥାଏ । ଅର୍ଥାତ ଆମେ ମଧ୍ୟ ସେଥିରେ ସାମିଲ୍ ହୋଇଥାଉ ଏବଂ ତାହାର କୁପ୍ରଭାବରୁ ଭାଗ ନେଇଥାଉ । ଏପରି ହୋଇନଥାଏ ଯେ, ଐଶୀଦଳକୁ ସେଥିରୁ ସଂପୂର୍ଣ୍ଣ ରୂପେ ସୁରକ୍ଷିତ ରଖାଯାଇଥାଏ । ଆପଣ କହିଲେ ଯେହେତୁ ଏସବୁ ପ୍ରଭୁଙ୍କ ଧାର୍ଯ୍ୟ ବିଧାନର ବିପରୀତ ଘଟିଥାଏ କିନ୍ତୁ ମୋମିନ୍ (ଈଶ୍ୱର ବିଶ୍ୱାସୀ) ସେହି ବିପତ୍ତିରୁ ଅଲ୍ଲାଃତାଲାଙ୍କ ନିକଟରେ ନତମସ୍ତକ ହୋଇ ତାହାଙ୍କ କୃତଜ୍ଞ ହୋଇ ଅତିକ୍ରମ କରିଯାଇଥାଏ । ଅତଃ ଯେପରିକି ମୁଁ କହିଲି ଆମମାନଙ୍କୁ ଏହି ଦିନମାନଙ୍କରେ ଅଲ୍ଲାଃତାଲାଙ୍କ ନିକଟରେ ବିଶେଷ ଭାବରେ ଅଧିକ ନତମସ୍ତକ ହେବା ଉଚିତ ଏବଂ ତାଙ୍କ ଦୟା ଓ ଆଶିଷ ଭିକ୍ଷା କରିବା ଉଚିତ । କେତେକ ଲୋକ ନାନା ପ୍ରକାର ଆଲୋଚନାମାନ କରିଥାନ୍ତି କି ଏହି ସଂକ୍ରମଣ ପ୍ରଭୁଙ୍କ

ଏକ ନିଦର୍ଶନ ଜାହିର୍ କରିବା ପରିପ୍ରେକ୍ଷୀରେ ବିଦ୍ୟମାନ ତେଣୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାର କୌଣସି ଆବଶ୍ୟକତା ନାହିଁ ଅବା ଉପଚାର ଅବା ଏପରି ବିଶେଷ କିସମର ଯତ୍ନ ନେବା ଏବଂ ଏଭଳି ଆଲୋଚନା ଯାହାକି ଅନ୍ୟର ଭାବନାକୁ କଷ୍ଟ ପହଞ୍ଚାଇଥାଏ ତାହାର ଆବଶ୍ୟକତା ନାହିଁ । ଆମକୁ ଜଣା ନାହିଁ ଯେ, ଏହି ଚିହ୍ନ କୌଣସି ବିଶେଷ ଚିହ୍ନ ଆକାରରେ ପ୍ରକାଶ ପାଇଛି ଅବା ନୁହେଁ କିନ୍ତୁ ସାଧାରଣତଃ ଆମେ କହିଥାଉ, ଯେପରିକି ମୁଁ ବର୍ତ୍ତମାନ କହିଲି ଏବଂ କିଛି ଖୁତବା ପୂର୍ବରୁ ମୁଁ ଏହି ମହାମାରୀର ଚର୍ଚ୍ଚା ମଧ୍ୟ କରିଥିଲି କି ଭୂପୃଷ୍ଠ ଓ ଆକାଶ ବିପତ୍ତି ଓ ସମସ୍ୟାରେ ବହୁତ ବଢିଯାଇଛି, ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ଆଗମନ ପରେ କିନ୍ତୁ ବସ୍ତୁତଃ ସାମାନ୍ୟ ଅବସ୍ଥାରେ ଏହା କୁହାଯାଇ ପାରିବ । କିନ୍ତୁ ଏହାକୁ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ସମୟରେ ଆବିର୍ଭାବ ହୋଇଥିବା ପ୍ଲେଗ୍ ରୋଗ ସହ ଯୋଡ଼ିବା ପୁଣି ଏଭଳି ଆଲୋଚନା କରିବା ନାଉଜୁ ବିଲ୍ଲାଃ ଯେଉଁ ଅହେମଦି ଉକ୍ତ ବ୍ୟାଧିରେ ଆକ୍ରାନ୍ତ ହୋଇଛନ୍ତି ଅବା ଏଥିରେ ପ୍ରାଣତ୍ୟାଗ କରିଛନ୍ତି ସେମାନଙ୍କ ବିଶ୍ୱାସ ଦୁର୍ବଳ ଥିଲା କହିବାର କାହାରି ହେଲେ ଅଧିକାର ନାହିଁ । ପ୍ଲେଗ୍ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ପାଇଁ ଏକ ନିଦର୍ଶନ ରୂପେ ପ୍ରକାଶ ପାଇଥିଲା । ଯଦିଚ ଏହି ବ୍ୟାଧିରେ ପ୍ରାଣ ହରାଇଥିବା ବ୍ୟକ୍ତିକୁ ଆଁହଜ଼ରତ ସ.ଅ ଶହୀଦ୍ ମଧ୍ୟରେ ଅନ୍ତର୍ଭୁକ୍ତ କରିଛନ୍ତି । କିନ୍ତୁ ଯେହେତୁ ପ୍ଲେଗ୍ ରୋଗ ପ୍ରଭୁଙ୍କ ଏକ ନିଦର୍ଶନ ଆକାରରେ ପ୍ରକାଶ ପାଇଥିଲା । ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ଆପଣଙ୍କୁ ବିଶେଷ ଭାବରେ ଦର୍ଶାଇ ଦେଇଥିଲେ ଯଦ୍ୱାରା ଆପଣ ଘୋଷଣା କରିଥିଲେ କି ଏହା ଏକ ନିଦର୍ଶନ ଅଟେ ଏବଂ ଆପଣ ଜମାଅତକୁ ନିର୍ଦ୍ଦେଶ ଦେଲେ ଏବଂ ମୁଫ୍ତି ସାହେବଙ୍କୁ ଏକ ଅବସରରେ ହୁଜୁର ଅ.ସ କହିଲେ କି ଖବର କାଗଜରେ ଏହା ଘୋଷଣା କରିଦିଅ କି ମୁଁ ଜମାଅତର ସଦସ୍ୟମାନଙ୍କ ପାଇଁ ବହୁତ ଦୁଆ କରୁଅଛି, ସେମାନେ ଏହି ମହାମାରୀରୁ ସୁରକ୍ଷିତ ରୁହନ୍ତୁ । ଆପଣ ଆହୁରି କହିଲେ କିନ୍ତୁ କୁରଆନରୁ ପ୍ରମାଣସିଦ୍ଧ ଯେ, ଯେତେବେଳେ ପ୍ରଭୁଙ୍କ କୋପ ଅବତୀର୍ଣ୍ଣ ହୋଇଥାଏ ସେତେବେଳେ ମନ୍ଦ ଓ କୁକର୍ମୀମାନଙ୍କ ସହିତ ପୁଣ୍ୟବନ୍ତମାନେ ମଧ୍ୟ ତାହାର ଶିକାର ହୋଇଥାନ୍ତି । କିନ୍ତୁ ସେମାନଙ୍କ ପରିଣାମ ସେମାନଙ୍କ କର୍ମକୁ ଘେନି ବା ଆଧାରରେ ହୋଇଥାଏ । ଏପରିକି ପୂର୍ବେ ଆଲୋଚନା କରି ଆସିଲି କି ହଜ଼ରତ ମୁସଲେହ୍ ମଉଦ୍ ର.ଅ କହିଛନ୍ତି ଏହା ପ୍ରକୃତିର ନିୟମ ଯେଉଁଥିରୁ କେହି ମୁକୁଳିପାରିବେ ନାହିଁ । ଦେଖ ନୁହ୍‌ଙ୍କର ଝଡ଼ବାତ୍ୟା ସମୟରେ ସମସ୍ତେ ପ୍ରଭାବିତ ହେଲେ । ପୁନଶ୍ଚ ହୁଜୁର ସ.ଅଙ୍କ ସମୟରେ ଜିହାଦ୍ ଦ୍ୱାରା ମୁସଲମାନମାନଙ୍କୁ ଯେଉଁ ପରାଜୟ ବରଣ କରିବାକୁ ପଡ଼ିଥିଲା । କିନ୍ତୁ ସାଧାରଣତଃ ଅର୍ଥାତ ମୋଟମୋଟି ଭାବରେ ଦେଖିବାକୁ ଗଲେ ମୁସଲମାନମାନେ ବିଜୟ ଅର୍ଜନ କରିଥିଲେ । ହୁଜୁର ଅ.ସ କୁହନ୍ତି ଏ ସମସ୍ତ ଘଟଣା ଇସଲାମର ସତ୍ୟତା ପ୍ରତିପାଦନ କରିବା ନିମନ୍ତେ ପ୍ରକାଶ ପାଇଲା । କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଅମାନ୍ୟକାରୀଙ୍କ ସାଥିରେ ମୁସଲମାନମାନେ ମଧ୍ୟ ମୃତ୍ୟୁର ସ୍ୱାଦ ଚାଖି ଥିଲେ । ଏପରି ହୋଇ ନଥିଲା କି କେବଳ ଅମାନ୍ୟକାରୀ ମୃତ୍ୟୁବରଣ କରିଥିଲେ ଯଦିଓ ଉକ୍ତ ଜେହାଦ୍ ଏକ ନିଦର୍ଶନ ଥିଲା କିନ୍ତୁ ସେଥିରେ ମୁସଲମାନମାନେ ମଧ୍ୟ ପ୍ରାଣର ଆହୁତି ଦେଇଥିଲେ ଏବଂ ସେଥିରେ ଯେଉଁ ମୁସଲମାନମାନେ ପ୍ରାଣାବଳୀ ଦେଇଥିଲେ ସେମାନେ ଶହୀଦ୍ କୁହାଇଲେ । ଏହିପରି ହଜ଼ରତ ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ତାଉନ୍ ଆମର ସତ୍ୟତା ପ୍ରତିପାଦନ କରିବା ନିମନ୍ତେ ଆସିଅଛି ଏବଂ ସମ୍ଭବତଃ ଏଥିରେ ଆମ ଜମାଅତରେ କିଛି ଲୋକ ମଧ୍ୟ ଶିକାର ହେବେ ଓ ଶହୀଦ୍ ହେବାର ସୌଭାଗ୍ୟ ଅର୍ଜନ କରିବେ । ପୁନଶ୍ଚ ଆପଣ କୁହନ୍ତି ସର୍ବପ୍ରଥମେ ପ୍ରଭୁଙ୍କ କର୍ତ୍ତବ୍ୟ ସମ୍ପାଦନ କର ଏବଂ ନିଜ ମନରେ ଥିବା କାମବାସନାକୁ ପବିତ୍ର ରଖ । ଏହାପରେ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କର । ପରମେଶ୍ୱରଙ୍କ ଉପରେ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ପ୍ରକଟ କର ବା ରଖ ଏବଂ ଆକୁଳତାର ସହ ତାଙ୍କ ନିକଟରେ ଦୁଆ କର । ଏଭଳି ମଧ୍ୟ ଗୋଟିଏ ଦିନ ବିତାଅ ନାହିଁ ଯେଉଁ ଦିନ

ତୁମେ ପ୍ରଭୁଙ୍କ ଶରଣାପନ୍ନ ହୋଇ ଦୁଆ କରି ନାହଁ । ହୁଜ୍ରୁର ଅ.ସ ଆହୁରି କୁହନ୍ତି ଯେ, ଏଥିସହ ବାହ୍ୟିକ ମାଧମର ମଧ ଧ୍ୟାନ ରଖ । ଅର୍ଥାତ ଯେଉଁ ସତର୍କତା ଓ ସାବଧାନତାମୂଳକ ପଦକ୍ଷେପ ନିଆଯାଇ ପାରିବ ତାହା ଅବଲମ୍ବନ କରିବା ଜରୁରୀ ତାହା ନିର୍ବାହ କର । ତଥାପି ଯଦି ତୁମମାନଙ୍କ ମଧରୁ କେହି ପ୍ରଭୁଙ୍କ ବିଧାନ ଅନ୍ତର୍ଗତ ତାଉନର ଶିକାର ହୋଇଯାଏ ତେବେ ତାହା ଓ ତାହାର ପରିବାର ବର୍ଗଙ୍କ ସହ ପୂର୍ଣ୍ଣ ସହାନୁଭୂତି ପ୍ରଦର୍ଶନ କର ଏବଂ ସମସ୍ତ ସାମର୍ଥ୍ୟ ବିନିଯୋଗ କରି ସେମାନଙ୍କୁ ସାହାଯ୍ୟ କର । ତଥା ସମ୍ପୃକ୍ତ ବ୍ୟକ୍ତିର ଚିକିତ୍ସା କରିବାରେ କୌଣସି ସୁଯୋଗକୁ ହାତଛଡ଼ା କର ନାହିଁ । କିନ୍ତୁ ମନରେଖ ! ଏହାର ଅର୍ଥ ଏହା ନୁହେଁ ଯେ, ତାହାର ବିଷାକ୍ତମୟ ବାୟୁ ଓ ବସ୍ତ୍ର ମାଧମରେ ତୁମେ ମଧ ଉକ୍ତ ସଂକ୍ରମଣର ଶିକାର ହୋଇଯାଅ । ନିଃସନ୍ଦେହ ସହାନୁଭୂତି ପ୍ରଦର୍ଶନ କର କିନ୍ତୁ ସୁରକ୍ଷା ବଳୟ ମଧରେ ରହି । କାରଣ ସେଥିରୁ ନିଜକୁ ସୁରକ୍ଷିତ ରଖିବା ମଧ ଜରୁରୀ ଏବଂ ତାହାର କୁପ୍ରଭାବରୁ ନିଜକୁ ସୁରକ୍ଷିତ ରଖ ।

ସୁତରାଂ ଏଥିରୁ ଆମକୁ ଶିକ୍ଷା ହାସଲ କରିବା ଉଚିତ ଯେ, ଏ ଯେଉଁ ସାହାଯ୍ୟକାରୀ ଅଛନ୍ତି ସେମାନଙ୍କୁ ଆବଶ୍ୟକ ସମାଜିକ ଦୂରତା ବଜାୟ ରଖିବା ଉଚିତ । ଉଦାହରଣ ସ୍ୱରୂପ ଆଜିକାଲି ଯେପରି କୁହାଯାଇଛି କି Mask (ମାସ୍କ) ପରିଧାନ କର, ଏହିପରି ଅନ୍ୟାନ୍ୟ ଜରୁରୀ ସୁରକ୍ଷା ବା ସତର୍କତାମୂଳକ ଉପଦେଶ ପାଳନ କରିବା ଉଚିତ । ଅଯଥାରେ ଲୋକମାନଙ୍କ ଘରକୁ ଯିବା ଆସିବା କରିବାରୁ ମଧ ନିବୃତ୍ତ ରହିବା ଉଚିତ । ଯାହାକି ପ୍ରଶାସନ ମଧ ଏପରି କରିବାକୁ ବାରଣ କରିଛି । ଆଜିକାଲି ଏଠାରେ ଅନେକ ଖୁଦ୍ଦାମ୍ ଭଲେଣ୍ଟିୟର୍ ଭାବେ ନିଜକୁ ସେବା ସମ୍ପାଦନ କରିବା ପାଇଁ ଉତ୍ସର୍ଗ କରିଛନ୍ତି ସେମାନେ ସମସ୍ତେ ସୁରକ୍ଷିତ ରହିବାର ସମସ୍ତ ନିୟମ ପାଳନ କରିବା ସହିତ ଦୁଆ କରି ସାହାଯ୍ୟ କରିବାର କର୍ତ୍ତବ୍ୟ ସମ୍ପାଦନ କରନ୍ତୁ ବା ସାହାଯ୍ୟର ହାତ ବଢାନ୍ତୁ । ଅସୁରକ୍ଷିତ ଉପାୟ ଅବଲମ୍ବନ କରି ନିଜକୁ ଧ୍ୱଂସ ମୁଖରେ ନିକ୍ଷେପ କରନ୍ତୁ ନାହିଁ । କାରଣ ଏହା ମୂର୍ଖତାର ପରିଚୟ ହେବ, ନା କି ବାହାଦୂରୀ ବା ସାହାସୀ ଅଟେ । ଏଣୁ ବହୁତ ସତର୍କତା ଅବଲମ୍ବନ କରିବା ଉଚିତ । ଏହା ସତ୍ତ୍ୱେ ଭଗବାନ ନ କରନ୍ତୁ ଯେପରିକି ହଜ଼ରତ ମସିହ୍ ମଉଦ୍ ଅ.ସ କହିଛନ୍ତି ଯେ, ଏହି ମହାମାରୀରେ ଯଦି କୌଣସି ବ୍ୟକ୍ତିର ମୃତ୍ୟୁ ଘଟେ ତେବେ ସେ ବ୍ୟକ୍ତି ଶହୀଦ୍ ଅଟେ । ତାହା ପାଇଁ ଗୁସଲ୍ (ଶବସ୍ନାନ) କଫନ୍ (ଶବାଚ୍ଛନ୍ନ ବସ୍ତ୍ର)ର ଆବଶ୍ୟକତା ନାହିଁ । ଏଠାକାର ପ୍ରଶାସନ ଏକ ସୀମା ପର୍ଯ୍ୟନ୍ତ ନିୟମ କୋହଳ କରିଛି କି ଗୁସଲ୍ ଦେଇପାରିବ ଓ କଫନ୍ ମଧ ପିନ୍ଧାଇ ପାରିବ । ସେତେବେଳେ ଯେଭଳି ସଂକଟାପନ୍ନ ପରିସ୍ଥିତି ଥିଲା ସେଥିଯୋଗୁଁ ହୁଜ୍ରୁର ଅ.ସ କହିଥିଲେ କି ଗୁସଲ୍ କଫନ୍ ଦେବାର ଆବଶ୍ୟକତା ନାହିଁ, ପୁଣି ଆପଣ ନିର୍ଦ୍ଦେଶ ପୂର୍ବକ କହିଲେ ଯେ, ନିଜ ଘରଗୁଡ଼ିକୁ ବହୁତ ସଫା ସୁତୁରା ରଖ ଏବଂ ନିଜ ବସ୍ତ୍ର ପୋଷାକ ଆଦିକୁ ପରିଷ୍କାର ରଖ । ନାଳ ନର୍ଦ୍ଦମା ମଧ ସଫା ରଖ । ଯଦିଚ ଏଠାରେ ନାଳମାନ ଅଣ୍ଡର ଗ୍ରାଉଣ୍ଡ୍ ରହିଛି କିନ୍ତୁ ଯେଉଁ ଦେଶଗୁଡ଼ିକ ବିକଶିତ ରାଷ୍ଟ୍ର ନୁହେଁ ଯେଉଁ ନାଳନର୍ଦ୍ଦମା ଉନ୍ମୁକ୍ତ ରହିଛି ସେଗୁଡ଼ିକୁ ସଫା ରଖିବା ଅତ୍ୟନ୍ତ ଜରୁରୀ ଅଟେ । ପୁନଶ୍ଚ ହଜ଼ରତ ମସିହ୍ ମଉଦ୍ ଅ.ସ ଏକଥାକୁ ବିଶେଷ ଗୁରୁତ୍ୱ ଦେଲେ କି ନିଜ ହୃଦୟକୁ ପବିତ୍ର ରଖ ଓ ପ୍ରଭୁଙ୍କ ସହ ସନ୍ଧି କରିନିଅ । ଯେତେବେଳେ କି ଏହି ସଂକ୍ରମଣ ଦ୍ୱାରା ପ୍ରତ୍ୟେକ ପ୍ରଭାବିତ, ପୁଣି ଯେପରିକି ମୁଁ କହିଲି ପତ୍ର ଲେଖି ଜଣାଉଛନ୍ତି କି ଉକ୍ତ ତଥ୍ୟଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ ।

ହୁଜ୍ରୁର ଅନୱର ଅ.ବ କହିଲେ : ଆମକୁ ସର୍ବଦା ମନେରଖିବା ଉଚିତ ଯେ, ଆମ ପାଇଁ ଦୁଆର ମାର୍ଗ ସର୍ବଦା ଉନ୍ମୁକ୍ତ ରହିଛି । ଆମମାନଙ୍କୁ ଏହି ବିଶ୍ୱାସର ସହ ଅଲ୍ଲାଃତାଲାଙ୍କ ନିକଟରେ ନତମସ୍ତକ ହେବା ଉଚିତ ଯେ, ପ୍ରଭୁ ଆମ ପାଇଁ ଦୁଆର ମାର୍ଗ ଉନ୍ମୁକ୍ତ ରଖିଛନ୍ତି ଏବଂ ସେ ଦୁଆ ସ୍ୱୀକାର କରିଥାନ୍ତି । ଯଦି ନିଷ୍ଠାର ସହ ତାଙ୍କ ଶରଣାଗତ ହେବ ତେବେ ସେ ନିଶ୍ଚିତ ଦୁଆ ସ୍ୱୀକାର କରିଥାନ୍ତି । ସାଧାରଣତଃ ନିଜ ପାଇଁ, ନିଜ ପ୍ରିୟଜନମାନଙ୍କ ପାଇଁ, ଜମାଅତ୍ ପାଇଁ

ତଥା ସମଗ୍ର ମାନବ ଜାତି ପାଇଁ ଦୁଆ କରିବା ଉଚିତ । ଅଲ୍ଲାଃତାଲା ସେମାନଙ୍କ ଉପରେ ଓ ଆମ ସମସ୍ତଙ୍କ ଉପରେ ମଧ୍ୟ ଦୟା ଅବତୀର୍ଣ୍ଣ କରନ୍ତୁ । ମୁଁ ପୁନର୍ବାର କହିବି ଯେ, ଆଜିକାଲି ଦୁଆ, ଦୁଆ ଓ ବାସ୍ ଦୁଆ ଉପରେ ଅତ୍ୟଧିକ ଗୁରୁତ୍ୱ ଦିଅନ୍ତୁ । ଅଲ୍ଲାଃତାଲା ଜମାଅତର ପ୍ରତ୍ୟେକ ସଦସ୍ୟକୁ ପ୍ରତ୍ୟେକ ଦୃଷ୍ଟିକୋଣରୁ ଏବଂ ସାମୂହିକ ରୂପେ ଜମାଅତକୁ ମଧ୍ୟ ନିଜର ସୁରକ୍ଷା ବଳୟରେ ସୁରକ୍ଷିତ ରଖନ୍ତୁ । ଅଲ୍ଲାଃତାଲା ମୋତେ ଓ ଆପଣମାନଙ୍କୁ ମଧ୍ୟ ଦୁଆ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହୁଜୁର ଅନୱର ଅ.ବ କହିଲେ : ମୁଁ ଏହି କଥା ମଧ୍ୟ କହିଦେବାକୁ ଚାହେଁ ଯେ, ଯେଉଁ ଅହମଦିମାନେ କୌଣସି ବ୍ୟବସାୟର ଲିପ୍ତ ବା ସଂପୃକ୍ତ ଅଟନ୍ତି ସେମାନେ ଏହଦିନ ମାନଙ୍କରେ ନିଜର ଦ୍ରବ୍ୟ ଓ ଜିନିଷକୁ ଅଧିକ ମୂଲ୍ୟରେ ଓ ଅନାବଶ୍ୟକ ତଥା ଅନିଚ୍ଛାକୃତ ଭାବେ ବିକ୍ରୟ କରିବା ପାଇଁ ଚେଷ୍ଟା କରନ୍ତୁ ନାହିଁ । କାରଣ ଏହା ମାନବତାର ସେବା କରିବାର ଦିବସ ଅଟେ, ଯେଉଁ ପୁଣ୍ୟକୁ ହଜରତ ମସିହ୍ ମଉଦ୍ ଅ.ସ ମଧ୍ୟ କରିବାକୁ କହିଛନ୍ତି । କାରଣ ଏଭଳି ସମୟରେ ମାନବତା ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ଉଚିତ ଏବଂ ଏହି ମାନବିକତା ସେବା ମାଧ୍ୟମରେ ହିଁ ଅଲ୍ଲାଃତାଲାଙ୍କର ନିକଟବର୍ତ୍ତୀ ହୋଇପାରିବା । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିକୁ ଏଥିନିମିତ୍ତ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହୁଜୁର ଅନୱର ଅ.ବ କହିଲେ ମୁଁ ବର୍ତ୍ତମାନ ବିଗତ ଦିନରେ ମୃତ୍ୟୁବରଣ କରିଥିବା ଆମର ଜଣେ ଅତ୍ୟନ୍ତ ଘନିଷ୍ଠ କର୍ମଚାରୀ ତଥା ସିଲସିଲାର ସେବକ ସମ୍ମାନନୀୟ ସ୍ୱର୍ଗତ ନାସିର୍ ସଇଦ୍ ସାହେବଙ୍କ ସଂପର୍କରେ ଚର୍ଚ୍ଚା କରିବି । ସ୍ୱର୍ଗତ ନାସିର୍ ସାହେବ୍ ଅଲ୍ଲାଃତାଲାଙ୍କ ବିଧାନ ଅନୁଯାୟୀ ଚଳିତ ଏପ୍ରିଲ୍ ମାସ ୫ ତାରିଖରେ ଇହଧାମ ତ୍ୟାଗ କରିଥିଲେ إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଅଲ୍ଲାଃତାଲାଙ୍କ କୃପାରୁ ତୃତୀୟ ଖିଲାଫତରୁ ପଞ୍ଚମ ଖିଲାଫତ୍ ପର୍ଯ୍ୟନ୍ତ ତାଙ୍କୁ ଡ଼ିୟୁଟି ଦେବାର ସୌଭାଗ୍ୟ ଅର୍ଜନ ହୋଇଥିଲା ।

ନାସିର୍ ସଇଦ୍ ସାହେବ୍ ଅନେକ ଗୁଣର ଅଧିକାରୀ ଥିଲା । ଅତ୍ୟନ୍ତ ବିଶ୍ୱସ୍ତ ଓ ତତ୍ପରତାର ସହିତ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଆସୁଥିଲେ । ଖିଲାଫତେ ଅହମଦିୟା ସହିତ ତାଙ୍କର ନୈଷ୍ଠିକ ସଂପର୍କ ଥିଲା । ମୃତକଙ୍କ ପରିଜନରେ ତାଙ୍କୁ ସ୍ତ୍ରୀ **କୁଲ୍‌ସୁମ୍** ବେଗମ୍ ସାହେବା ଓ ଏକମାତ୍ର ପୁତ୍ର ରହିଛନ୍ତି । ଖାଲିଦ୍ ସଇଦ୍ ତାଙ୍କର ପୁତ୍ର ଅଟନ୍ତି । ଖାଲିଦ୍ ସଇଦ୍ ସାହେବ୍ ମଧ୍ୟ ସ୍ୱେଚ୍ଛାକୃତ ଭାବେ ହିଫାଜ଼ତେ ଖାସରେ ଡ଼ିୟୁଟି ଦେଇ ଆସୁଥିଲେ । ଅଲ୍ଲାଃତାଲା ତାଙ୍କୁ ନାସିର୍ ସଇଦ ସାହେବଙ୍କ ପରି ବିଶ୍ୱସ୍ତ ହେବାର ସମାର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ତାଙ୍କର ପଦାଙ୍କ ଅନୁସରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ନାସିର୍ ସଇଦ୍ ସାହେବଙ୍କ ପତ୍ନିଙ୍କୁ ଧୈର୍ଯ୍ୟ ଏବଂ ସାହାସ ପ୍ରଦାନ କରନ୍ତୁ । ଆମିନ୍ ।

ସେହିପରି ୟୁ.କେର ପୂର୍ବତନ ସଂଚାଳକ ଅଦନାନ୍ ଜ଼ଫର୍ ସାହେବ ମଧ୍ୟ ଲେଖିଛନ୍ତି ଯେ, ସ୍ୱର୍ଗତ ନାସିର୍ ସଇଦ୍ ସାହେବ ଆମମାନଙ୍କୁ ସର୍ବଦା ନିଜର ଡ଼ିୟୁଟି ଦେବା ପ୍ରତି ସଚେତନ କରାଉଥିଲେ ଏବଂ ବିଶେଷ ରୂପେ ସେ ଯେଉଁ କଥା ଉଲ୍ଲେଖ କରିଛନ୍ତି ତାହା ହେଲା- ଖିଆପିଆର ଧ୍ୟାନ ରଖିବାର ଆବଶ୍ୟକତା ମଧ୍ୟ ଡ଼ିୟୁଟିବେଳେ ଦେବା ଉଚିତ ଏବଂ ଏହା ବ୍ୟତୀତ ଅନ୍ୟ କଥା ସଂପର୍କରେ ଉଲ୍ଲେଖ କରି କହନ୍ତି ଯେ, ସ୍ୱର୍ଗତ ନାସିର୍ ସଇଦ୍ ସାହେବ୍ ମୋତେ ଖିଲାଫତର ଆଦାବ (ସମ୍ମାନ) କରିବା ସଂପର୍କରେ ଶିକ୍ଷା ଦେଇଥିଲେ । ଖିଲାଫତ୍ ସହିତ ଦୃଢ ସଂପର୍କ ସ୍ଥାପନ କରିବାର କୌଶଳ ସଂପର୍କରେ ମଧ୍ୟ ମୋତେ ଅବଗତ କରାଇଥିଲେ । ସେ ଅତ୍ୟନ୍ତ ଦୂରଦର୍ଶୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଯେତେବେଳେ ବି ତାଙ୍କ ଠାରୁ କୌଣସି ପ୍ରସଙ୍ଗରେ ମତ ଲୋଡ଼ାଯାଉଥିଲା ସେତେବେଳେ ସେ ଅତ୍ୟନ୍ତ ମୂଲ୍ୟବାନ ଓ ଉପକୃତ ହେବା ମତ ପ୍ରଦାନ କରୁଥିଲେ । ସେହପିର ହିଫାଜ଼ତେ ଖାସର ଜଣେ କର୍ମଚାରୀ ଅତହର୍ ଅହମଦ ସାହେବ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ମୁଁ ଦୀର୍ଘ ୯ ବର୍ଷ ପର୍ଯ୍ୟନ୍ତ ଡ଼ିୟୁଟି କରିଥିଲି ଅର୍ଥାତ ୨୦୧୧ ମସିହାରୁ

୨୦୧୯ ମସିହା ପର୍ଯ୍ୟନ୍ତ । ମୁଁ ପୂର୍ବେ ଉମୁମି ବିଭାଗରେ ଡ଼ିୟୁଟି କରୁଥିଲି ଏବଂ ପରେ ହିଫାଜ଼ତେ ଖାସରେ ସାମିଲ୍ ହୋଇଥିଲି । ତେବେ ମୁଁ ତାଙ୍କୁ ପଚାରିଲି ଯେ, ଆପଣ ଦୀର୍ଘ ୪୮ ବର୍ଷ ଧରି ତିନୋଟି ଖଲିଫାଙ୍କ ସହିତ ଆପଣ ଡ଼ିୟୁଟି ଦେଇ ଆସୁଛନ୍ତି । ଆପଣ ମୋତେ କୌଣସି ଏପରି ଉପଦେଶ ଦିଅନ୍ତୁ ଯେ, ମୁଁ ବି ଆପଣଙ୍କ ପରି ଡ଼ିୟୁଟି ଦେଇପାରିବି । ପ୍ରତ୍ୟୁତ୍ତରରେ ସ୍ୱର୍ଗତ ନାସିର୍ ସଇଦ୍ ସାହେବ କହିଲେ ଯେ, ଏଠାରେ ନିଜ ଆଖି ଓ କାନକୁ ସର୍ବଦା ଖୋଲା ରଖିବ ଅର୍ଥାତ ସର୍ବଦା ଜାଗ୍ରତ ପ୍ରହରି ଭାବେ ରହିବ ଏବଂ ପାଟି ସର୍ବଦା ବନ୍ଦ ରଖିବ ଅର୍ଥାତ କେବେବି ମୁହଁ ଖୋଲିବ ନାହିଁ ଏଥିସହ ଦୁଆ ମଧ୍ୟ କରିବ । ସାଧାରଣ ଭାବରେ କହିବାକୁ ଗଲେ ଉକ୍ତ ଉପଦେଶଟି କେବଳ ପ୍ରତ୍ୟେକ ୱକ଼ଫେ ଜିନ୍ଦିଗୀ ପାଇଁ ଅତ୍ୟନ୍ତ ଆବଶ୍ୟକୀୟ ନୁହେଁ ବରଂ ଏହା ଉପରେ କାର୍ଯ୍ୟାନୁସରଣ କରିବା ପ୍ରତ୍ୟେକ କର୍ମଚାରୀ ଓ ଜମାଅତର ସେବକଙ୍କ ତଥା ପ୍ରତ୍ୟେକ ପଦାଧିକାରୀ ପାଇଁ ପାଇଁ ଶିରୋଧାର୍ଯ୍ୟ ଅଟେ । ଏହା ଅତ୍ୟନ୍ତ ଜ୍ଞାନଗର୍ଭକ ଉକ୍ତି ଅଟେ ।

ହୁଜ଼ୁର ଅନୱର୍ ଅ.ବ କହିଲେ : ସେ ଯାହାହେଉ ନା କାହିଁକି ଆଜିକାଲି ଯେଉଁ ପରିସ୍ଥିତି ରହିଛି ସେହି କାରଣରୁ ମୁଁ ତାଙ୍କର ନମାଜ଼୍ ଯନାଜ଼ାଃ ଗାଏବ୍ ପରେ କୌଣସି ସମୟରେ ପଢେଇବି । ଇନ୍ଶାଅଲ୍ଲାଃ । ଯେପରି ମୁଁ ପୂର୍ବେ ଆଲୋଚନା କରିଛି ଯେ, ତାଙ୍କର ସୁଗୁଣାବଳୀ ସଂପର୍କରେ ଅନେକ ଲୋକ ଲେଖିଛନ୍ତି ଏବଂ ଯାହା କିଛି ବି ତାଙ୍କ ସଂପର୍କରେ କୁହାଯାଇଛି ବା ଉଲ୍ଲେଖ କରାଯାଇଛି ତାହା ପ୍ରକୃତ ପକ୍ଷେ ବାସ୍ତବ ଉପରେ ଆଧାରିତ ଏବଂ ତାଙ୍କ ଠାରେ ଉକ୍ତ ଗୁଣାବଳୀ ବିଦ୍ୟମାନ ଥିଲା । ମୁଁ ଯେପରି ପୂର୍ବେ କହି ସାରିଥିଲି ଯେ, ସେ ନିଷ୍ଠାପର ସେବା ଓ ନିଜର ଶପଥକୁ ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ନିଭାଇ ଇହଲୀଳା ସମ୍ବରଣ କରିଥିଲେ । ସେ ଅଲ୍ଲାଃତାଲାଙ୍କ ନିକଟରେ ଯେଉଁ ଶପଥ ନେଇଥିଲେ ତାହାକୁ ସେ ପୂର୍ଣ୍ଣ କରିଥିଲେ । ଆମେ ତାଙ୍କ ଜୀବନରେ ମଧ୍ୟ ଏହାର ନିଚ୍ଛକ ପ୍ରତିଛବି ମଧ୍ୟ ଦେଖିବାକୁ ପାଇଥାଉ । ଏହି ଦୃଷ୍ଟିକୋଣରୁ ସେ ସେହି ବ୍ୟକ୍ତିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୁଅନ୍ତି ଯାହାଙ୍କ ସଂପର୍କରେ ହଜ଼ରତ ମସିହ୍ ମଉଦ୍ ଅ.ସ କହିଥିଲେ ଯେ, ଏପରି ବ୍ୟକ୍ତିମାନେ ଶହୀଦ୍ ଅଟନ୍ତି । ଅଲ୍ଲାଃତାଲା ତାଙ୍କୁ ସେହି ବ୍ୟକ୍ତିଙ୍କ ମଧ୍ୟରେ ସାମିଲ୍ କରନ୍ତୁ ଏବଂ ଏହି ରୋଗରେ ଯେଉଁ ଅହମଦିମାନେ ମୃତ୍ୟୁବରଣ କରିଛନ୍ତି ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ । ଅଲ୍ଲାଃତାଲା ଭଲଭାବରେ ଜାଣନ୍ତି ଯେ, କେଉଁ ବ୍ୟକ୍ତି ସହିତ କିଭଳି ବ୍ୟବହାର ପ୍ରଦର୍ଶନ କରିବା ଉଚିତ । ଆମମାନଙ୍କର ଅଲ୍ଲାଃତାଲାଙ୍କ ନିକଟରେ କେବଳ ଏତିକି ଗୁହାରି ଯେ, ଆମେମାନେ ଅଲ୍ଲାଃତାଲାଙ୍କର ଦୟା ଓ କୃପାର ଅଧିକାରୀ ହେବାକୁ ସେ ଆମକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

......................................

**KHULASA KHUTBA JUMA HUZOOR ANWAR a.b.a**
**10th April 2020**

................